ଏପିସୋଡ ୩୦

# କ୍ୟୋଟୋ ପ୍ରଭାବ

ମୂଳ ଲେଖା: ମାନସ ପ୍ରତିମ ଦାସ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

(କଫି ଦୋକାନ... ଚାରିଜଣ ସାଙ୍ଗ ବିନିତ, ଅଜୟ, ଜାକବ ଏବଂ ଶ୍ରୀନିବାସ ଗୋଟିଏ ଟେବୁଲରେ ବସି କଫି ପିଉଛନ୍ତି ଏବଂ ଆଲୋଚନା କରୁଛନ୍ତି)

ବିନିତ: ଆଜି କୋଉ କପି ପାଇଂ କହିଥିଲ ଅଜୟ?

ଜାକବ: ଆରେ ଏ ତ ମୋତେ କଫି ଭଳି ଲାଗୁନାହିଁ। ମୁଁ ତ କେବଳ କଫି ପିଇବି ଆଉ କିଛି ନୁହେଁ।

ଶ୍ରୀନିବାସ: ଜାକବ ଏତେ ରାଗନି। ତମେ ଜାଣିନ ବୋଧେ। ପ୍ରଥମ ଥର ପାଇଁ ଏ ଦୋକାନକୁ ଆସିଛ। ଯଦିଓ ଏହା କଫି କିନ୍ତୁ ଏଥିରେ ଆଉ କିଛି ମିଶାଯାଇଛି। ସେଥିପାଇଁ କଫିର ସ୍ୱାଦ ଫିକା ହୋଇଯାଇଛି।

ଜାକବ: ଓହୋ!! ଏ କଥା। ସୁଆଦ ବଦଳିବାର କାରଣ କୁକିଜ୍, ଏଥିରେ କଫିର କୌଣସି ଦୋଷ ନାହିଁ।

ଅଜୟ: ଆଜି ଏଠି ଜାପାନ ସ୍ୱାଦର କୁକିରୁ ତିଆରି କଫି ମିଳୁଛି। (ହସି ହସି) ଦେଖିବା ଶ୍ରୀନୁ ଏହାକୁ ପସନ୍ଦ କରିବା ନା ନାହିଁ।

ଶ୍ରୀନିବାସ:  ଆରେ ମୋ ଆଡ଼କୁ କାହିଁକି ଠେଲି ଦେଉଛ। ଅନ୍ୟମାନଙ୍କ ପସନ୍ଦ ନାପସନ୍ଦ ବି ଦେଖ।

ବିନିତ: କାହିଁକି ନୁହେଁ? (ହସି ହସି) ଆମ ସାଙ୍ଗମାନଙ୍କ ଭିତରେ କେବଳ ତମେ ଜଣେ ହିଁ ଜାପାନ ଯାଇଛ।

ଶ୍ରୀନିବାସ:  ତମେମାନେ ଜାପାନ ଯାତ୍ରା କଥା କହୁଛ। ସେ ତ ପୂରା ବିଜୁଳି ଯାତ୍ରା ଥିଲା, ମାତ୍ର ସପ୍ତାହେ ପାଇଁ। ଲାଗିଲା ଯେମିତି ଏଇ ଗଲୁ ଆଉ ଆଇଲୁ।

ବିନିତ: ଯାହା ବି କୁହ, କିନ୍ତୁ ଆମ ଭିତରୁ ତ କେହି ସେଠିକୁ ଯାଇନାହାନ୍ତି।

ଅଜୟ: ଶ୍ରୀନିବାସ, ମୋର ମନେଅଛି, ତମ କାମ ତ କ୍ୟୋଟୋରେ ଥିଲା। ଠିକ କହୁଛି ନା?

ଶ୍ରୀନିବାସ:  ହଁ ଠିକ କଥା। ଆମ ସଂସ୍ଥା ତରଫରୁ ମତେ କେତେଗୁଡ଼ିଏ ବୈଠକରେ ଭାଗ ନେବାକୁ ଥିଲା। ତାହେଲେ ଆମେ ଆମ ପ୍ରକଳ୍ପକୁ ଚୁଡ଼ାନ୍ତ ରୂପ ଦେଇପାରିବୁ। କେବଳ ଏତିକି କାମ ଥିଲା...

ବିନିତ: (ହସି ହସି) କେବଳ ଏତିକି କାମ!!

ଶ୍ରୀନିବାସ:  ପଛରୁ ଟାଣିବା ତ ତମର ପୁରୁଣା ଅଭ୍ୟାସ। ମୋର କିଛି ଯାଏ ଆସେ ନାହିଁ।

ଜାକବ:  କ୍ୟୋଟୋ କଥା ଆସିଲେ ମୋର ସେଇ ଐତିହାସିକ ଚୁକ୍ତି କଥା ମନେପଡ଼େ।

ଅଜୟ: ବିନିତ, ସାବଧାନ, ଶ୍ରୀନିବାସର ଯୋଡ଼ି ଏଠି ବସିଛି। ଜାକବକୁ କଫି

ଭଲଲାଗିଲା ନାହିଁ ଠିକ ଅଛି। କିନ୍ତୁ କ୍ୟୋଟୋ ଉପରେ ବହୁତ କଥା ସେ ଜାଣିଛି।

ଜାକବ: ଚୁପ କର। ଆଜିକାଲି ତ ଛୋଟ ପିଲା ବି ଏ ବିଷୟରେ ଜାଣିଛି। ତମେ କାହିଁକି ପଛୁଆ ଅଛ?

ବିନିତ: ଦେଖ, ଅଜୟ କେତେ ଗମ୍ଭୀର ହୋଇଗଲାଣି।

ଜାକବ: ଶ୍ରୀନିବାସ, ଏସବୁ କଥାକୁ ମନରେ ଧରନାହିଁ। ଆଚ୍ଛା କହିଲ, ଯେଉଁଠି ସବୁ ଦେଶ ଦସ୍ତଖତ କରିଥିଲେ ତମେ କ'ଣ ସେ ଜାଗାକୁ ଯାଇଥିଲ?

ଶ୍ରୀନିବାସ: ବାସ୍ତବରେ ଯେଉଁ ଜାଗାରେ ଚୁକ୍ତି ପ୍ରସ୍ତୁତ କରାଯାଇଥିଲା ଆମର ସବୁ ବୈଠକ ସେଇ ଜାଗାରେ ହିଁ ଥିଲା। ପ୍ରଥମେ ଏହା ସଭାସ୍ଥଳ ଥିଲା, କିନ୍ତୁ ଏବେ ଏହାର ନାଁ ରହିଛି କ୍ୟୋଟୋ ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ କକ୍ଷ।

ଜାକବ: ବହୁତ ସୁନ୍ଦର!

ଶ୍ରୀନିବାସ: ବାସ୍ତବରେ ଏହାର ଗଠନ ବହୁତ ସୁନ୍ଦର। ଗୋଟିଏ ହ୍ରଦ କୂଳରେ ଏହା ତିଆରି ହୋଇଛି। ଅଜୟ, ତମେ ଜାଣିଛ, ଲୋକପ୍ରିୟ ସିନେମା ଦି ଚ୍ୟାଲେଞ୍ଜର ଶେଷଭାଗ ଏହିଠାରେ ହିଁ ସୁଟିଂ କରାଯାଇଥିଲା।

ବିନିତ: ମୋର ମନେପଡୁଛି। ସେ ସିନେମା ଅଶୀ ଦଶକର ପୂର୍ବାର୍ଦ୍ଧରେ ତିଆରି ହୋଇଥିଲା।

ଜାକବ:   ଦେଖ (ହସି ହସି) ବିନିତ ବି କ୍ୟୋଟୋ ରେ ପହଞ୍ଚି ଗଲାଣି।

ଶ୍ରୀନିବାସ:   କିନ୍ତୁ କ୍ୟୋଟୋକୁ ପରିବେଶ ସମ୍ମିଳନୀ ପରେ ହିଁ ବିଶ୍ୱ ସ୍ତରରେ ପରିଚିତି ମିଳିଲା।।

ଅଜୟ:(ଲମ୍ବା ନିଶ୍ୱାସ ନେଇ) ଓହ! କେଜାଣି, ପ୍ରତି ବର୍ଷ ଖାଲି ସମ୍ମିଳନୀ ଆଉ ସମ୍ମିଳନୀ। ଗୋଟିଏ ଥରରେ ସବୁ ସମସ୍ୟାର ସମାଧାନ କାହିଁକି ବାହାର କରାଯାଉନାହିଁ।

ଶ୍ରୀନିବାସ:   ମୁଁ କ୍ୟୋଟୋ ଯାଇଥିଲେ ବି ଜଣେ ପରିବେଶବିତ୍ ନୁହେଁ। କିନ୍ତୁ ମୁଁ ଯେତିକି ଜାଣିପାରିଲି ବିକଶିତ ଆଉ ବିକାଶଶୀଳ ଦେଶମାନଙ୍କ ଭିତରେ ଶକ୍ତି ଭାଗବଣ୍ଟାକୁ ନେଇ ହେଉଥିବା ଦ୍ୱନ୍ଦ୍ୱ ଯୋଗୁ ସମସ୍ୟା।

ଜାକବ:   ପରିବେଶ ଉପରେ ଆୟୋଜିତ ଏହା ତୃତୀୟ ସମ୍ମିଳନୀ ଥିଲା। ଏହାକୁ କ୍ୟୋଟୋରେ ଆୟୋଜିତ କରାଯାଇଥିଲା। ଏବେ ନିୟମିତ ଏହାର ଆୟୋଜନ କରାଯାଉଛି। ସବୁ ଦେଶର ପ୍ରତିନିଧି ପ୍ରତିବର୍ଷ ଏକାଠି ହେଉଛନ୍ତି ଆଉ ଏହାକୁ ଦଶମାନଙ୍କ ସମ୍ମିଳନୀ ବା କନ୍‌ଫରେନ୍‌ସ୍ ଅଫ୍ ପାର୍ଟିଜି କୁହାଯାଉଛି।

ବିନିତ: କେଉଁ ପ୍ରକାରର ଦଳ? ରାଜନୀତିକ ବା ଅନ୍ୟ କିଛି...

ଜାକବ:   ଏଠି ବିଭିନ୍ନ ଦେଶ ପ୍ରତିନିଧି ରୂପରେ ଭାଗ ନିଅନ୍ତି । ଅବଶ୍ୟ ସେମାନଙ୍କର ସମସ୍ତଙ୍କର ରାଜନୈତିକ ପରିଚିତି ରହିଛି, କିନ୍ତୁ ୟୁଏନଏଫସିସି ର ଦଳ ବୋଲି କୁହାଯାଏ। (ବିନିତ ମୁହଁରୁ କଫି ବାହାରି ଆସୁଛି)

ବିନିତ: କ'ଣ... କ'ଣ କହିଲ?

ଜାକବ: ୟୁଏନଏଫସିସିର ମାନେ ହେଉଛି ୟୁନାଇଟେଡ ନ୍ୟାସନ୍ସ୍ ଫ୍ରେମୱର୍କ କନ୍‌ଭେନ୍‌ସନ୍ ଅନ୍ କ୍ଲାଇମେଟ ଚେଞ୍ଜ । ପରିବେଶ ବିଷୟରେ ଚିନ୍ତା କରିବା ପାଇଁ ଏହା ଏକ ଆନ୍ତର୍ଜାତିକ ସଂସ୍ଥା। ରିଓ ଡି ଜେନିରୋରେ ହୋଇଥିବା ବିଶ୍ୱ ସମ୍ମିଳନୀରେ ଏହାର ଚିନ୍ତା ଆରମ୍ଭ ହୋଇଥିଲା। ୧୯୯୪ ମସିହା ମାର୍ଚ୍ଚ ମାସରେ ଏହା ଆରମ୍ଭ କରାଯାଇଥିଲା।

ଅଜୟ:ବିନିତ ଏହାକୁ ହିଁ ତ ମୂଳଦୁଆ କୁହାଯାଏ। ଜାକବର ଜ୍ଞାନକୁ ଏତେ ହାଲୁକା ଭାବରେ ନିଅନାହିଁ।

ବିନିତ:ଅଜୟ, ମୋର ମତଲବ ସେଇଆ ନ ଥିଲା। ଜାକବ, ତମେ ସମ୍ମିଳନୀର ଏଜେଣ୍ଡା ବିଷୟରେ କିଛି କହିବ କି?

ଜାକବ: ଏହି ଚୁକ୍ତିନାମା ଅନୁସାରେ ଯେଉଁ ଦେଶମାନେ ଏଥିରେ ହସ୍ତାକ୍ଷର କରିଛନ୍ତି, ସେମାନେ ନିର୍ଦ୍ଧାରିତ ସ୍ତର ଯାଏଁ ସବୁଜକୋଠରୀ ବାଷ୍ପ ଉତ୍ସର୍ଜିତ କରିବେ।

ଅଜୟ:ସବୁଜକୋଠରୀ ବାଷ୍ପ ମାନେ ଅଙ୍ଗାରକାମ୍ଳ ଆଦି।

ଜାକବ: ଠିକ କହିଛ। ଯେପର୍ଯ୍ୟନ୍ତ ଜଣାପଡ଼ିନାହିଁ ଯେ କେତେ ପରିମାଣର ସବୁଜକୋଠରୀ ବାଷ୍ପ ଉତ୍ସର୍ଜିତ ହୋଇଛି ଏବଂ ଏସବୁ କେଉଁଠାରୁ ଆସିଛି, ସେଯାଏଁ କାମ ଆଗେଇବ ନାହିଁ।

ଶ୍ରୀନିବାସ: ତଥ୍ୟ ଅନୁସାରେ ସେମାନେ ଦେଶମାନଙ୍କୁ ବିଭିନ୍ନ ଶ୍ରେଣୀରେ

ବାଣ୍ଟିଛନ୍ତି।

ବିନିତ: ପ୍ରଥମ ଶ୍ରେଣୀରେ କେଉଁ କେଉଁ ଦେଶ ଅଛନ୍ତି?

ଶ୍ରୀନିବାସ: କହୁଛି। ଔଦ୍ୟୋଗିକ ଦେଶ ଯେପରି ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ୟୁରୋପ ସଂଘର ଦେଶ ଏହି ଶ୍ରେଣୀରେ ଅଛନ୍ତି। ଶୁଣିକି ଆଶ୍ଚର୍ଯ୍ୟ ଲାଗିବ ଯେ ସାଇପ୍ରସ, ବେଲାରୁସ, ଇଷ୍ଟୋନିଆ ଭଳି ଦେଶ ବି ଏହି ଶ୍ରେଣୀରେ ଅଛନ୍ତି।

ବିନିତ: ଶ୍ରୀନିବାସ, କାନ୍ଥରେ ଲାଗିଥିବା ସେ ଫଟୋ କେତେ ସୁନ୍ଦର ଲାଗୁଛି ନା!

ଜାକବ: ହଁ ଯେତେଯାଏଁ ଲହରୀ ତମ ଘର, ଧନସମ୍ପତ୍ତି ଏପରିକି ତମ ଜୀବନ ଦାବି ନ କରେ।

ବିନିତ: କେତେ ନକାରାତ୍ମକ ବିଚାର। ଏଇ ସୁନ୍ଦର ଢେଉ ଥିବା ଫଟୋ ତମକୁ ଭଲ ଲାଗୁନାହିଁ।

ଜାକବ: ମୁଁ ଫଟୋର ପ୍ରଶଂସା ତ ନିଶ୍ଚୟ କରିବି। ତା ସହ ଆଉ ପଟେ ଅସହାୟ ବିସ୍ଥାପିତ ଲୋକଙ୍କ ପାଇଁ ଦୟା ବି କରିବି।

ଅଜୟ: ବିନିତ, ଦେଖ, ଏ ପୁଣିଥରେ ନିଜ ବିଷୟକୁ ଚାଲିଆସିଲା। ବିଶ୍ୱ ଉଷ୍ମାୟନ, ସୁନାମି, ଭୂମିକମ୍ପ ଯୋଗୁ ବହୁତ କ୍ଷତି ହୁଏ।

ବିନିତ: ଏକଥା ତ ସମସ୍ତେ ଜାଣିଛନ୍ତି। କିନ୍ତୁ ପରିବେଶ ସମସ୍ୟାର ସମାଧାନରେ ଜଣେ ସାଧାରଣ ଲୋକର କି ଭୂମିକା ରହିପାରେ ସେ ବିଷୟରେ କିଛି କୁହ।

ଶ୍ରୀନିବାସ:  ନିଶ୍ଚୟ, ଆମେ ବହୁତ କିଛି କରିପାରିବା। ଧାରଣା, ରାଲି ଆଦି କରି ସରକାର ଆଉ ପ୍ରଶାସନକୁ ଏ ଦିଗରେ କିଛି କରିବା ପାଇଁ ବାଧ୍ୟ କରିପାରିବା। ଠିକ କହିଲି ନା ଜାକବ।

ଜାକବ: ପୂରା ଠିକ କହିଛ। ଆମେରିକା ସବୁଠାରୁ ଅଧିକ ପ୍ରଦୂଷଣ କରୁଥିବା ଦେଶ। ତାକୁ କ୍ୟୋଟୋ ଚୁକ୍ତି ମାନିବା ଜରୁରୀ। ସେଠାକା ନାଗରିକ ତାଙ୍କ ସରକାରଙ୍କୁ ଏଥିପାଇଁ ବାଧ୍ୟ କରିପାରିବେ। ସେହିଭଳି କାନାଡା ଏବଂ ଅନ୍ୟ ଦେଶର ଲୋକମାନେ ବି ଆଗକୁ ଆସିବା ଦରକାର।

ବିନିତ: ସରକାରଙ୍କ କାମକୁ ସମାଲୋଚନା କରିବା ବହୁତ ସହଜ। କିନ୍ତୁ କିଛି ଥିବ ଯାହା ତାଙ୍କୁ ବାଧ୍ୟ କରୁଥିବ ଆଉ ସେମାନେ ତାକୁ ଏଡ଼ାଇ ପାରିବେ ନାହିଁ।

ଜାକବ:  ଦେଖ, ଆମେ ପୁଣି ଥରେ ତମର ଢେଉ ପାଖରେ ପହଞ୍ଚିଗଲେ। ନଷ୍ଟ ହେଇଯାଉଥିବା ପରିବେଶର ସୁରକ୍ଷାକୁ ଛାଡ଼ି ସରକାରଙ୍କର ଆଉ କେଉଁ ଗୁରୁତ୍ୱପୂର୍ଣ୍ଣ କାମ ଥାଇପାରେ?

ଶ୍ରୀନିବାସ: କ୍ୟୋଟୋ ସମ୍ମିଳନୀ ୧୯୯୭ ମସିହାରେ ଆୟୋଜିତ ହୋଇଥିଲା। ସେତେବେଳେ ସେଥିରେ ନିଆଯାଇଥିବା ନିଷ୍ପତ୍ତି ଉପରେ କିଛି ସମୟସୀମା ସ୍ଥିର ହୋଇଥିଲା।

ଜାକବ:  ତମେ ଠିକ କହିଛ। କ୍ୟୋଟୋ ସମ୍ମିଳନୀରେ ଦୁଇ ପ୍ରକାରର ସମୟସୀମା ସ୍ଥିର କରାଯାଇଥିଲା। ପ୍ରଥମ ଥିଲା ୨୦୦୮ରୁ ୨୦୧୨

ମସିହା ଯାଏ ଏବଂ ଦ୍ୱିତୀୟ ସମୟସୀମା ରଖାଯାଇଥିଲା ୨୦୧୨ ମସିହାଠାରୁ ୨୦୨୦ ଯାଏଁ। ପ୍ରଥମ ଶ୍ରେଣୀ ସବୁ ଦେଶ କେବଳ ଆମେରିକାକୁ ଛାଡ଼ି ଏହାକୁ ମାନିଥିଲେ ଏବଂ ନିର୍ଦ୍ଧାରିତ ମାପଦଣ୍ଡକୁ ପୂରା କରିଥିଲେ।

ଶ୍ରୀନିବାସ: ଦ୍ୱିତୀୟ ସମସସୀମାର କ'ଣ ହେଲା?

ଜାକବ: ପ୍ରଥମ ଶ୍ରେଣୀରେ ରଖାଯାଇଥିବା ୩୭ଟି ଦେଶ ଏବଂ ୟୁରୋପୀୟ ସଂଘ ଏହାକୁ ପୂରା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ବିନିତ: ବୁଝିଗଲି। ତେବେ ସେ ଟାର୍ଗେଟ କ'ଣ ଥିଲା? ଯଦି ସବୁ ଦେଶ ଚୁକ୍ତି ପାଳନ କରୁଛନ୍ତି ତେବେ ଆମେରିକା କାହିଁକି ପଛଉଛି।

ଜାକବ: ହଁ। ପ୍ରଥମ ପ୍ରଚେଷ୍ଟାରେ ସବୁ ଦେଶକୁ ୧୯୯୦ ତୁଳନାରେ ନିଜ ଦେଶର ଉତ୍ସର୍ଜନକୁ ଶତକଡ଼ା ୫ ଭାଗ କମ୍ କରିବାର ଥିଲା।

ବିନିତ: କେବଳ ୫ ଭାଗ!! ଏ ତ ବହୁତ କମ୍। ତାହେଲେ ଆମେରିକା କାହିଁକି ମାନୁନାହିଁ?

ଅଜୟ: (ହସି ହସି) ୫ ଭାଗ ବାସ୍ତବତାରେ ବହୁତ ବଡ଼ ସଂଖ୍ୟା ହୋଇଯାଏ। ଏଥିପାଇଁ ତମକୁ କୋଇଲା, ପେଟ୍ରୋଲ, ଏବଂ ପ୍ରାକୃତିକ ବାଷ୍ପର ବ୍ୟବହାରକୁ ଅନେକ ପରିମାଣରେ କମେଇବାକୁ ହେବ। ତାହେଲେ ସେଠିକାର ଜୀବନଶୈଳୀ ଉପରେ ପ୍ରଭାବ ପଡ଼ିବ। ସେଠିକା ସରକାରଙ୍କ ପାଇଁ ଏତେବଡ଼ ନିଷ୍ପତ୍ତି ନେବା ସହଜ କଥା ନ ଥିଲା। ସେଥିପାଇଁ ଆମେରିକା ସବୁ ସ୍ତରରେ ଏହାର ବିରୋଧ କରୁଥିଲା।

ଜାକବ: ଶ୍ରୀନିବାସ, ତମେ ତମ ଫୋନରେ କ'ଣ ଦେଖୁଛ?

ଶ୍ରୀନିବାସ: ମୁଁ ମୋର ଜଣେ ସାଙ୍ଗଙ୍କୁ ଫୋନ କରୁଛି । କ୍ୟୋଟୋ ଚୁକ୍ତିନାମାରେ ଯେଉଁ ବିଶୁଦ୍ଧ ଶକ୍ତି କଥା କୁହାଯାଇଛି ସେ ଭଲଭାବରେ କହିପାରିବେ। ସେ ଏହି କ୍ଷେତ୍ରରେ କାମ କରୁଛନ୍ତି।

ଅଜୟ:ତାଙ୍କ ନାଁ କ'ଣ? ଆମେ କ'ଣ ତାଙ୍କୁ ଜାଣିଛେ?

ଶ୍ରୀନିବାସ: ତମେମାନେ ତାଙ୍କୁ ଜାଣିନାହଁ। ତାଙ୍କ ନାମ ଶମିମା। ଏବେ ସେ କର୍ଣ୍ଣାଟକରେ ବ୍ୟବସାୟ କରୁଛନ୍ତି। କିନ୍ତୁ ତାଙ୍କ କାମରେ ସେ ବିଶ୍ୱର ଅନ୍ୟ ଦେଶକୁ ଯାଆନ୍ତି। ଦେଖୁଛି, ଏବେ କୋଉଠି ଅଛନ୍ତି।

(ଶ୍ରୀନିବାସ ନିଜ ମୋବାଇଲ ଫୋନରେ କଥା ହେଉଛନ୍ତି)

ଶ୍ରୀନିବାସ: ଆରେ ଶମିମା । ମୁଁ ଶ୍ରୀନିବାସ କହୁଛି। କେମିତି ଅଛ ଆଉ ଏବେ କୋଉଠି ଅଛ? ଆଚ୍ଛା ଡେନମାର୍କରେ... ବହୁତ ସୁନ୍ଦର ଦେଶ। କିଛି ସମୟ ହେବ କି? ମୋ ସାଙ୍ଗମାନେ ମୋ ସହିତ ଅଛନ୍ତି । ଆମେ ଏଠି କଫି ହାଉସରେ କ୍ୟୋଟୋ ଚୁକ୍ତିନାମା ବିଷୟରେ କଥା ହେଉଛୁ। ସେମାନେ ସମସ୍ତେ କାର୍ବନ କ୍ରେଡିଟ ବିଷୟରେ ଜାଣିବାକୁ ଚାହୁଁଛନ୍ତି। ଆଚ୍ଛା ମୁଁ ଫୋନର ସ୍ପିକର ଅନ୍ ରଖୁଛି।

(ଶମିମାଙ୍କ ସ୍ୱର ଶୁଣାଯାଉଛି)

ଶମିମା: ହ୍ୟାଲୋ... ଆପଣମାନେ କେମିତି ଅଛନ୍ତି? ମୁଁ ଶମିମା କହୁଛି। ଆପଣମାନେ କ'ଣ ପଚାରୁଥିଲେ?

ଅଜୟ:ହ୍ୟାଲୋ ଶମିମା... ମୁଁ ଅଜୟ ଆଉ ଗୋଟିଏ ବହୁରାଷ୍ଟ୍ରୀୟ

କମ୍ପାନୀରେ ଅର୍ଥ ବିଶେଷଜ୍ଞ ଅଛି । ମୁଁ କାର୍ବନ କ୍ରେଡିଟ ବିଷୟରେ ଶୁଣିଛି, କିନ୍ତୁ ଏହା ବିଷୟରେ ଠିକରେ ଜାଣିନାହିଁ । ଆମେ ଚାରିଜଣ ଏ ବିଷୟରେ ଜାଣିନାହୁଁ। ଏହା କେମିତି କାମ କରେ?

ଶମିମା: ଏହା ତ ଗୋଟିଏ ମୌଳିକ ପ୍ରଶ୍ନ, କିନ୍ତୁ ଜାଣିବା ଦରକାର ଯେ ଏହି ପ୍ରଣାଳୀ କିପରି କାମ କରେ।

ଶ୍ରୀନିବାସ: ଶମିମା, ଯଦି ତମେ ତମର ଉତ୍ତର କାର୍ବନ ପଦଚିହ୍ନ ବା ଫୁଟପ୍ରିଣ୍ଟରୁ ଆରମ୍ଭ କରିବ।

ଶମିମା: ଠିକ ଅଛି ଶ୍ରୀନିବାସ। କାର୍ବନ ଫୁଟପ୍ରିଣ୍ଟ ହେଉଛି କୌଣସି ସଂସ୍ଥାର କିଛି କାର୍ଯ୍ୟ ଭିତରେ ଉତ୍ସର୍ଜିତ ସବୁଜକୋଠରୀ ବାଷ୍ପର ଏକ ଏକକ। ଏହା ଟନ୍‌ରେ ମପାଯାଏ। କେନ୍ଦ୍ରର ଗୋଟିଏ ସଂସ୍ଥାକୁ ଦାୟିତ୍ୱ ଦେଇଛନ୍ତି ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣ ଧାର୍ଯ୍ୟ କରିବା ପାଇଁ। ଏହି ସଂସ୍ଥା ରାଷ୍ଟ୍ରୀୟ ହୋଇପାରେ ଅନ୍ତଃରାଷ୍ଟ୍ରୀୟ ହୋଇପାରେ। କେତେ ଟନ୍‌ର ସବୁଜକୋଠରୀ ବାଷ୍ପ ସେ ଉତ୍ସର୍ଜିତ କରିପାରିବ ସେଥିପାଇଁ ଅନୁମତି ଦିଆଯାଇଥାଏ।

ଶ୍ରୀନିବାସ: ତା ମାନେ ଗୋଟିଏ ଏକକ କେତେ ପରିମାଣ ଉତ୍ସର୍ଜିତ କରିପାରିବ ଏହି ଅନୁମତି ତାକୁ ସୀମିତ କରିଦିଏ।

ଶମିମା: ହଁ ସେଇଭଳି। ଏଥିରେ ବାୟୁ ପ୍ରଦୂଷଣ କମ୍ କରିହୁଏ। ଯଦି ଉଦ୍ୟୋଗକୁ ନିଜର ବିକାଶ ଗତି ବଜାୟ ରଖିବାକୁ ହୁଏ ତେବେ ତା'ର କାର୍ବନ କ୍ରେଡିଟ ଆବଶ୍ୟକ।

ଅଜୟ:କିନ୍ତୁ କାର୍ବନ କ୍ରେଡିଟ କେଉଁଠୁ ଆସିବ?

ଶମିମା: ଯଦି କୌଣସି କମ୍ପାନୀ ପାଖରେ ତା'ର ଆବଶ୍ୟକତାଠାରୁ ଅଧିକ କାର୍ବନ କ୍ରେଡିଟ ଉପଲବ୍ଧ, ତାହେଲେ ସେ ଅନ୍ୟ କାହାକୁ ଏହାକୁ ବିକି ପାରିବ। ସେଥିପାଇଁ ୟୁରୋପିଅନ୍ କ୍ଲାଇମେଟ୍ ଏକ୍ସଚେଞ୍ଜ , ଚିକାଗୋ କ୍ଲାଇମେଟ ଏକ୍ସଚେଞ୍ଜ, ନାସ୍‌ଡାକ, ଓଏମଏକ୍ସ କାମ କରେ।

ଜାକବ: ଶମିମା, ଆମ ଦେଶର ସ୍ଥିତି କ'ଣ? ଆଉ ଆମ ସ୍ଥାନ କେତେ?

ଶମିମା: ଦେଖନ୍ତୁ, ଏହାର ଅନେକ ମାପଦଣ୍ଡ ଅଛି। ମୋର ନିଜର ମତ ରହିଛି। ଆର୍ଥିକ ଦୃଷ୍ଟିରୁ କାର୍ବନ କ୍ରେଡିଟର ଆମ ପାଇଁ ବହୁତ ଗୁରୁତ୍ୱ ରହିଛି। ଆମର ବିକାଶ ଏବେ ଆରମ୍ଭ ହୋଇଛି। ଆମେ ବିକାଶର ନୂଆ ସହନିୟ ମଡେଲ ବାଛିପାରିବା। ଶକ୍ତି ସଂରକ୍ଷଣ ଏବଂ ଶକ୍ତି ଉତ୍ପାଦନର ନୂଆ ଉପାୟ ଗ୍ରହଣ କରି ବହୁତ ଆଗକୁ ଯାଇପାରିବା।

ବିନିତ:ଏଥିପାଇଁ ଆବଶ୍ୟକ କାରିଗରୀ କୌଶଳ କ'ଣ ଆମ ପାଖରେ ଅଛି?

ଶମିମା: ମୋର ଉତ୍ତର ହେବ ନା। କିନ୍ତୁ ଏଥିପାଇଁ ଅନ୍ୟ ବାଟ ହୋଇପାରେ। ଆରମ୍ଭରେ କିଛି ସମସ୍ୟା ଆସିପାରେ। ଆମେ ଆମର ଯୁବଶକ୍ତିକୁ ଲଗେଇ ଏଥିରୁ ପୂରା ଲାଭ ଉଠାଇ ପାରିବା।

ଶ୍ରୀନିବାସ: ଆପଣଙ୍କ ମତରେ ଯେତେ ସମ୍ଭବ କମ୍ ମେସିନ୍ ଆଉ ଜୀବାଶ୍ମ ଇନ୍ଧନ ବ୍ୟବହାର କରି।

ଶମିମା: ବିଲକୁଲ ଠିକ କହିଲେ। ଆପଣ ଏସବୁକୁ ପସନ୍ଦ କରିବେନାହିଁ, କିନ୍ତୁ ଏହା ସମସ୍ତଙ୍କ ପାଇଁ ଲାଭଦାୟକ ହେବ । ଏଥିରେ ପୁରୁଣା

ହୋଇଯାଇଥିବା ବିଦେଶୀ ଉଦ୍ୟୋଗ ସଂସ୍ଥାକୁ କାର୍ବନ କ୍ରେଡିଟ ବିକ୍ରୟ କରି ଲାଭ ଉଠେଇ ପାରିବା।

ଅଜୟ:ମୋ ମତରେ ଛୋଟ ସଂସ୍ଥାର ଏଥିରେ ବଡ଼ ଭୂମିକା ରହିବ।

ଶମିମା: ଆପଣଙ୍କ ଅନୁମାନ ଠିକ। ଭାରତର କ୍ଷୁଦ୍ରଶିଳ୍ପ ସଂସ୍ଥା ବହୁତ କାମ କରିପାରିବ। ଏଥିରେ ଶସ୍ତା ଶକ୍ତି ଦକ୍ଷତା ବାଲା କାରିଗରୀ କୌଶଳ ଲଗାଯାଇ ପାରିବ।

ଜାକବ: ଆମ ପାଇଁ କ'ଣ କାର୍ବନ କ୍ରେଡିଟ ପାଇଁ ଏଇ ଗୋଟିଏ ବାଟ ରହିଛି?

ଶମିମା: ଏମିତି ନୁହେଁ। ଆପଣ ଉଚ୍ଚ ଦକ୍ଷତାସମ୍ପନ୍ନ ପ୍ଲାଷ୍ଟିକକୁ ପୁନଃଚକ୍ରଣ କରିବା ପାଇଁ ଉଦ୍ୟୋଗ ବସେଇ ପାରିବେ। ଖାଲି ଧାତୁ ଡବାକୁ ପୁନଃଚକ୍ରିତ କରି ଗାଡ଼ିମଟର ତିଆରି କରିବା କାମରେ ଲଗେଇପାରିବେ। ଆମ ପାଇଁ ଅନେକ ରାସ୍ତା ଖୋଲା ଅଛି।

ଶ୍ରୀନିବାସ: ମୋ ମତରେ ଆପଣ ଏଦିଗରେ ଭଲ ବ୍ୟବସାୟ କରୁଛନ୍ତି (ହସି ହସି)

ଶମିମା: ମୋର ଗୋଟିଏ ବ୍ରୋକର କମ୍ପାନୀ ଅଛି। ଆମ ଦେଶରେ ଏହିଭଳି ଅନେକ କମ୍ପାନୀ ଅଛି। ନିକଟ ଅତୀତରେ ଭାରତ ଆଉ ଚୀନ ସବୁଠାରୁ ଅଧିକ କାର୍ବନ କ୍ରେଡିଟ ବିକ୍ରି କରିବାବାଲା ଥିଲେ ଆଉ ୟୁରୋପ ଏହାର ସବୁଠାରୁ ବଡ଼ କ୍ରେତା। ବୃକ୍ଷରୋପଣ କରିବା କମ୍ପାନୀ, ମ୍ୟୁନିସିପାଲିଟି ଆଦି କାର୍ବନ କ୍ରେଡିଟରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରିବେ।

ଜାକବ:   କିଛି ଉଦାହରଣ ଦେଇପାରିବେ?

ଶମିମା:  ବଡ଼ ସଂସ୍ଥା ଭିତରେ ବିଜୟନଗର ଲୁହା କାରଖାନା ଭଲ କାମ କରୁଛି। ନୂଆ ଶକ୍ତିସମ୍ପନ୍ନ କାରିଗରୀ କୌଶଳ ମାଧ୍ୟମରେ ଆସନ୍ତା ଦଶବର୍ଷ ଭିତରେ ସେ ୨ .୨୫ କୋଟି ଡଲାର ରୋଜଗାର କରିବାର ଲକ୍ଷ୍ୟ ରଖିଛନ୍ତି । ଦ୍ୱିତୀୟ ଉଦାହରଣ ମଧ୍ୟପ୍ରଦେଶର ହାଣ୍ଡିଆ ବୃକ୍ଷରୋପଣ କାର୍ଯ୍ୟକ୍ରମ।

ଜାକବ:   ଆଚ୍ଛା କେମିତି?

ଶମିମା:  ସେଠି ୯୫ଟି ଗାଁରେ ବୃକ୍ଷରୋପଣ ଦ୍ୱାରା ୩୦ ଲକ୍ଷ ଡଲାର ପ୍ରତିବର୍ଷ ଆୟ ହେବାର ଅନୁମାନ କରାଯାଉଛି, ତା ମାନେ କୋଟି କୋଟି ଟଙ୍କାର ଲାଭ।

ଶ୍ରୀନିବାସ:   ଆରେ ବାଃ। କି ବଢ଼ିଆ କଥା। ସାରା ଗାଁ ବାଲାଙ୍କୁ ଅଭିନନ୍ଦନ।

ଶମିମା:  ଠିକ କଥା। ଶ୍ରୀନିବାସ, ମୋର ଟିକେ ଜରୁରୀ କାମରେ ଯିବାର ଅଛି। ଦୟାକରୀ କ୍ଷମା କରିଦିଅ। ଆଉ କେବେ ମୁଁ ତମର ସବୁ ପ୍ରଶ୍ନର ଉତ୍ତର ଦେବି। ବାୟ।

ଶ୍ରୀନିବାସ:   ବହୁତ ଧନ୍ୟବାଦ ଶମିମା। (ଶ୍ରୀନିବାସ ଫୋନ କାଟିଦେଉଛି)

ଜାକବ:  ଯାହା ଜଣାଯାଉଛି କ୍ୟୋଟୋ ଚୁକ୍ତି ସବୁଜକୋଠରୀ ବାଷ୍ପ କମେଇବା ଦିଗରେ ସିଧାସଳଖ ଫଳପ୍ରଦ ହୋଇନାହିଁ।

ଶ୍ରୀନିବାସ:   ଆଚ୍ଛା!!

ଜାକବ:  ହଁ। କିଛି ଅନ୍ତଃରାଷ୍ଟ୍ରୀୟ ନିୟମ ତିଆରି ହେବା ଭିତରେ ଏସବୁ

ବାଷ୍ପର ପରିମାଣ ବହୁତ ବଢ଼ିଯାଇଥିବା। ଅବଶ୍ୟ ୟୁରୋପୀୟ ଦେଶମାନେ ନିଜର ଲକ୍ଷ୍ୟ. ପ୍ରାପ୍ତି ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ଅନେକ ଦେଶ ଏବେ ବି ବହୁତ ପଛରେ।

ଅଜୟ:ତା ମାନେ ...

ଜାକବ: ୧୯୯୦ରୁ ୨୦୦୯ ମସିହା ଭିତରେ ମଧ୍ୟବିଶ୍ୱରେ ଏହାର ଉତ୍ସର୍ଜନ ଶତକଡ଼ା ପ୍ରାୟ ୪୦ ଭାଗ ବଢ଼ିଛି। ଏହି ତଥ୍ୟ ନେଦରଲାଣ୍ଡର ପରିବେଶ ଆକଳନ କରିବା ସଂସ୍ଥା ଦେଇଛି।

ଶ୍ରୀନିବାସ: କ'ଣ କହିପାରିବା? ଅଧିକାଂଶ ଲୋକ ପରିବେଶ ପାଇଁ ନିଜର ଚିନ୍ତା ପ୍ରକଟ କରୁଛନ୍ତି କିନ୍ତୁ କିଛି ସମାଧାନ ବାହାରୁନାହିଁ।

ବିନିତ:ମୋ ମତରେ ଆଜି ଆମ ଘରେ କେହି ନାହାନ୍ତି । ବାହାରେ ହିଁ ଖାଇବାକୁ ହେବ। ଚାଲ ସମସ୍ତେ ଏକାଠି ବସି ଖାଇବା। ମୁଁ ଗୋଟିଏ ହୋଟେଲ ଜାଣିଛି। ସେଇଠିକି ଯିବା।

ଜାକବ: ହଁ ଖାଇବାକୁ ଯିବା ଆଗରୁ ମୁଁ ବାଲି ସମ୍ମିଳନୀ ବିଷୟରେ କିଛି କହିବି।

ବିନିତ:ତା'ର ଖାଇବା ସହ କି ସମ୍ପର୍କ? ବୁଝିପାରୁନି। ଆମେ ଏ ବିଷୟରେ ଅନେକ ଆଲୋଚନା କରିସାରିଲେଣି।

ଅଜୟ:ଆଉ ଟିକିଏ ବସ। ଜାକବ ତା କଥା କହିସାରୁ।

ଜାକବ: ଏହି ସମ୍ମିଳନୀ କ୍ୟୋଟୋ ଚୁକ୍ତିର ଉଦ୍ଦେଶ୍ୟ ଆଉ ଲକ୍ଷ୍ୟ ହାସିଲ କରିବା ପାଇଁ ଡକା ଯାଇଥିଲା।

ଶ୍ରୀନିବାସ:   ସେଇଠୁ...

ଜାକବ:   ଆପଣମାନେ ଜାଣିଛନ୍ତି ଯେ କ୍ୟୋଟୋ ଚୁକ୍ତି ୨୦୦୫ ମସିହା ଫେବୃଆରି ମାସରେ ଲାଗୁ କରାଯାଇଥିଲା । ଏହାର ସମୟ ସୀମା ୨୦୧୨ ଯାଏଁ ଥିଲା। ତେବେ ତା ଆଗର ରୂପରେଖ ବି ପ୍ରସ୍ତୁତ କରିବାର ଥିଲା।

ଅଜୟ:ହଁ ଏ ତ ଜରୁରୀ ବି ଥିଲା।

ଜାକବ:   ୟୁରୋପ ସଂଘ ଏଭଳି ଚୁକ୍ତି ଚାହୁଁଥିଲେ ଯାହା ସବୁ ଦେଶ ଉପରେ ଲାଗୁ କରାଯାଇପାରିବ। ଅର୍ଥାତ ବିକଶିତ ବିକାଶଶୀଳ ଦେଶ। ବହୁତ କମ୍ ଦେଶ ଆଶା କରୁଥିଲେ ଯେ କ୍ୟୋଟୋ ଚୁକ୍ତି ପରେ ଆମେରିକା କୌଣସି ନୂଆ ଚୁକ୍ତିରେ ଦସ୍ତଖତ କରିବ।

ବିନିତ:ସେଥିପାଇଁ ଗୋଟିଏ ନୂଆ ଚୁକ୍ତିର ଦଲିଲ ପ୍ରସ୍ତୁତ କରାଗଲା।

ଜାକବ:  ବିନିତ ଟିକେ ବିସ୍ତାରପୂର୍ବକ କୁହ । ଏହା ବିଭିନ୍ନ ଦେଶମାନଙ୍କ ଭିତରେ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ ବୁଝାମଣା। ବିଭିନ୍ନ ଦେଶ ଭିତରେ ୧୩ଶ ତମ ସମ୍ମିଳନୀ ୨୦୦୭ ମସିହାରେ ଆୟୋଜିତ ହୋଇଥିଲା। ଏହି ବୈଠକ ଇଣ୍ଡୋନେସିଆର ବାଲି ଦ୍ୱୀପରେ ଆୟୋଜିତ ହୋଇଥିଲା। ମନେଥିବ ଯେ ସେହି ବୈଠକରେ ଆମେରିକାର ପୂର୍ବ ଉପରାଷ୍ଟ୍ରପତି ଅଲ୍ ଗୋରେ ନିଜର ନୋବେଲ ପୁରସ୍କାରକୁ ବିଶ୍ୱ ଉଷ୍ମାୟନ ଉପରେ ତାଙ୍କ ସିନେମା ସହ ବାଣ୍ଟିଥିଲେ।

ବିନିତ:ଗୋଟିଏ ନିଷ୍ଠୁର ସତ୍ୟ। ଏଇଟା ଗୋଟିଏ ବହୁତ ଭୟଙ୍କର ସିନେମା।

ଆମେ ସମସ୍ତେ କ'ଣ ସେହିଭଳି ମରିବା?

ଜାକବ: ଯଦି ଆମେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ଏହିପରି ଜାରି ରଖିବା ତାହେଲେ ପରିଣାମ ସେଇଆ ହିଁ ହେବ। ୨୦୦୭ ମସିହା ଜୁନ ମାସରେ ଆଇପିସିସିର ଚତୁର୍ଥ ରିପୋର୍ଟରେ ଦେଖାଇଥିଲା ଯେ ମଣିଷ ହିଁ ଏସବୁ ପାଇଁ ଦାୟୀ।

ଅଜୟ:ବାଲିରେ ତ ପରିସ୍ଥିତି ବହୁତ ଉତ୍ତେଜନାପୂର୍ଣ୍ଣ ରହିଥିବ।

ଜାକବ: ତମେ ଠିକ କହିଛ। ସରକାରୀ ପ୍ରତିନିଧିଙ୍କ ଛଡ଼ା ଅନେକ ବେସରକାରୀ ସଂଗଠନ ଏଥିରେ ଭାଗ ନେଇଥିଲେ। ସମସ୍ତେ ଜାଣିବାକୁ ଚାହୁଁଥିଲେ ଯେ ପାଣି କୁଆଡ଼େ ଯାଉଛି।

ଶ୍ରୀନିବାସ: କିନ୍ତୁ ମତେ ଲାଗୁନି କିଛି ନିଷ୍ପତ୍ତିରେ ପହଞ୍ଚିଥିବେ।

ଜାକବ: ତମେ ଠିକ ଧରିଛ। (ହସି ହସି) ଯେଉଁ ଦଲିଲ ୟୁରୋପୀୟ ଦେଶମାନେ ପ୍ରସ୍ତୁତ କରିଥିଲେ ସେଥିରେ ସହମତି ଆସିଲା ନାହିଁ । ଆମେରିକା ତା ପୂର୍ବ ସ୍ଥିତିରୁ ଟିକେ ବି ବଦଳିଲା ନାହିଁ। ସାମୁଦ୍ରିକ ଜାହାଜ ଆଉ ଉଡ଼ାଜାହାଜ ଦ୍ୱାରା ହେଉଥିବା ପ୍ରଦୂଷଣ ଉପରେ ବି କୌଣସି ଆଲୋଚନା ହୋଇପାରିଲା ନାହିଁ।

ଶ୍ରୀନିବାସ: ତା ମାନେ ଯୋଉଠି ଆରମ୍ଭ କରିଥିଲେ ସେଇଠି ରହିଲେ , ସେଇ ଅନ୍ଧାରରେ।

ଜାକବ: କେବଳ ଗୋଟିଏ ସକାରାତ୍ମକ ଦିଗ। ତାହା ଥିଲା ବାଲି ରାସ୍ତା ମାନଚିତ୍ର। ଭାଗ ନେଇଥିବା ଦେଶମାନେ ଏକମତ ହେଲେ ଯେ ବିଶ୍ୱ

ଉଷ୍ମାୟନ ସମସ୍ୟାର ସମାଧାନ ଦିଗରେ ପ୍ରଚେଷ୍ଟା ଚାଲୁ ରଖିବେ । ଆସନ୍ତା ଦୁଇବର୍ଷ ଭିତରେ କିଛି ଚୁକ୍ତିରେ ଦସ୍ତଖତ ହୋଇପାରେ।

ବିନିତ: ବହୁତ ଭଲ କଥା। କିନ୍ତୁ ମୁଁ ଆଉ ଦୁଇ ମିନିଟ ବି ଅପେକ୍ଷା କରିପାରିବିନାହିଁ। ମତେ ଜୋର ଭୋକ ଲାଗିଲାଣି।

ଜାକବ: ଠିକ ଅଛି ଭାଇ। ଆଉ ଆଲୋଚନା ନାହିଁ। ଏବେ ସବୁଠାରୁ ବଡ଼ ଜରୁରୀ ହେଉଛି ଖାଦ୍ୟ। ଚାଲ ଯିବା ଖାଇବାକୁ।

ବିନିତ: ଏଠୁ ପାଖ ବାଟ। ଚାଲି ଚାଲି ଯାଇପାରିବା। ରାସ୍ତାରେ ଭିଡ଼ କମ୍ ଅଛି ଆଉ ପ୍ରଦୂଷଣ ବି ହେବନାହିଁ।

(ସମସ୍ତେ ହସୁଛନ୍ତି ଆଉ ଯିବାକୁ ବାହାରୁଛନ୍ତି)